## ସଂକ୍ଷେପରେ

### ଦୁର୍ଗୀରେ ମୋବାଇଲ ନେଟ୍‌ୱର୍କ ଅଚଳ

ଦୁର୍ଗୀ, ୧୫।୧୧(ଶିଶିର ପାତ୍ର)

ବିଷମକଟକ ବ୍ଲକ ଅଧୀନ ଦୁର୍ଗୀ ଓ ଏହାର ଆଖପାଖ ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ଓ ଜିଓ ନେଟୱର୍କ ସପ୍ତାହେ ହେବ ଅଚଳ ହୋଇପଡିଛି। ଏଥି ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଗୀ ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ଅନେକ ସମୟରେ ରୁହେ ନାହିଁ। ଜିଓ ଏଠାରେ ସେବା ଯୋଗାଉ ଥିଲା ବେଳେ ତାହା ମଧ୍ୟ ୩ଦିନ ହେଲା କାର୍ଯ୍ୟ କରୁନାହିଁ। ବର୍ତ୍ତମାନ ସବୁ କାମ ପାଇଁ ଇଣ୍ଟରନେଟ୍ ବ୍ୟବହାର କରାଯାଉଥିବା ବେଳେ ଏହି ସେବା ଉପଲବ୍ଧ ହୋଇ ପାରୁ ନ ଥିବା ହେତୁ ବ୍ୟାଙ୍କ୍, ମେଡିକାଲ୍, ଟେଲି ଯୋଗାଯୋଗ ସହିତ ଶିକ୍ଷା କ୍ଷେତ୍ରରେ ବି ସମସ୍ୟା ଉପୁଜୁଛି। କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଯୁବ ନେତା ସୁମନ ପାଢ଼ି ଦାବି କରିଛନ୍ତି।

### ୨ ବଖରା ଜଳିଗଲା

ଖଲ୍ଲିକୋଟ, ୧୫।୧୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କମଳାପଦର ଗ୍ରାମରେ ବୁଧବାର ସନ୍ଧ୍ୟାରେ ୨ ବଖରା ଘର ଜଳିଯାଇଛି। ସନ୍ଧ୍ୟାରେ ହଠାତ୍ ଅଗ୍ନିକାଣ୍ଡ ଘଟି ଗ୍ରାମର ସ୍ୱର୍ଗତ ଦେବ ପାହାନଙ୍କ ଘରେ ନିଆଁ ଲାଗି ୨ ବଖରା ଘର ପୋଡ଼ି ଯିବା ସହ ଘରର ଥିବା ଆସବାବପତ୍ର ଓ ବିଭିନ୍ନ ଦରକାରୀ କାଗଜ ପତ୍ର ପୋଡ଼ାଯାଇଛି। ତେବେ ବିଦ୍ୟୁତ୍ ସର୍ଟ ଶର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବରପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହୟତାରେ ନିଆଁକୁ ଆୟତ୍ତ କରଛି।

### ସାହିତ୍ୟିକ ପ୍ରଶାନ୍ତ ଶତପଥୀଙ୍କ ପରଲୋକ

ପଦ୍ମପୁର, ୧୫।୧୧ (ପ୍ରଶାନ୍ତ କର)



ରାୟଗଡ଼ା ଜିଲାର ବିଶିଷ୍ଟ ସାହିତ୍ୟିକ ତଥା ପଦ୍ମପୁର ଅଞ୍ଚଳର ଶିକ୍ଷାବିତ୍ ପ୍ରଶାନ୍ତ ଶତପଥୀଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପଦ୍ମପୁର ବ୍ଲକ ଗୁଡିଆବନ୍ଧ ଗ୍ରାମରେ ଜନ୍ମଗ୍ରହଣ ପ୍ରଶାନ୍ତ ଗତ କିଛି ବର୍ଷ ହେଲା ପଦ୍ମପୁର ଅରୁଣ ଖୋଲିଠାରେ ଏକ ଭଡା ଘରେ ରହୁଥିଲେ। ମଙ୍ଗଳବାର ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପଦ୍ମପୁର ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ପଦ୍ମପୁର ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି। ଗୁଡିଆବନ୍ଧ ଗ୍ରାମକୁ ସେଠାରେ ରାୟଗଡ଼ା ମିଡିସ୍‌ର ଅକ୍ଷଧ ବାଳକୃଷ୍ଣ ପଣ୍ଡା, ସମାଜିକ କର୍ମୀ ବଳରାମ ପଣ୍ଡା, ବରିଷ୍ଠନେତା ଗୋଦାବରି ରାଉତ, ଲାଡି ତୁକାରାମଙ୍କ ସହ ଗ୍ରାମବାସୀ ଓ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରିବା ପରେ ମର ଶରୀର ଗ୍ରାମ ଶ୍ମଶାନରେ ସତ୍କାର ହୋଇଥିଲା। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ ଓ ଲେଖକ ଭାବେ ଜଣାଶୁଣା ଥିଲେ। ମିନାଝେଲା ଜନକଲ୍ୟାଣ ଆଶ୍ରମ ପକ୍ଷରୁ ପ୍ରକାଶିତ ଆଧାତ୍ମିକ ପତ୍ରିକାରେ ସେ ସହ ସମ୍ପାଦକ ଥିଲେ। ସାହିତ୍ୟ ସାଧନା ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରଶାନ୍ତଙ୍କ ବଡ଼ଭାଇ ପ୍ରଭାତ ଶତପଥୀ ଏବଂ ସାନଭାଇ ପ୍ରକାଶ ଶତପଥୀ, ବଡ଼ପୁଅ ଶିବାନନ୍ଦ ଶତପଥୀ, ଝିଅ ଗଙ୍ଗୋତ୍ରୀ ଶତପଥୀ ଅଛନ୍ତି।

# ରାୟଗଡ଼ା ଆଦିବାସୀ ମହାସଂଘର ଜନଜାତୀୟ ଗୌରବ ଦିବସ



ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ରାୟଗଡ଼ା,୧୫।୧୧
(ଆଶିଷ ରଞ୍ଜନ ପଣ୍ଡା/ ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହର ଚେକାଗୁଡାରେ ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ)" ତରଫରୁ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ତଥା ଧରତି ଆବା ଓ ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନ, ସଂଘର୍ଷ ଓ ବଳିଦାନ ଉପରେ ରାୟଗଡ଼ ଆଦିବାସୀ ମହାସଂଘ ପ୍ରତିଷ୍ଠାତା ବିଜୟ କୁମାର ମେଲାକା ଅଭିଭାଷଣ ଦେଇଥିଲେ। ଜିଲା ସଭାପତି ମେଲାକାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ରାୟଗଡ଼ା ସ୍ୱୟଂ ଶାସିତ କଲେଜର ଛାତ୍ର, ବୁଦ୍ଧିଜୀବି, ଆଦିବାସୀ ଗବେଷକ, ସାହିତ୍ୟକ, କୃଷକ ଓ କମିଟି ସଭ୍ୟମାନେ ଯୋଗ ଦେଇଥିଲେ। କନ୍ଧମାଳ ଜିଲାର ଶିକ୍ଷକ ଲଙ୍କେଶ୍ୱର କହଁର ଓ ତାଙ୍କ ଟିମ୍ ରାୟଗଡ଼ା ଆସି ଡିଜିଟାଲ କୁଇ ଲିପି ଉନ୍ମୋଚନ କରିଥିଲେ।

ସୂଚନାଯୋଗ୍ୟ, ସ୍ୱର୍ଗତ ଦୟାନିଧି ମଲ୍ଲିକଙ୍କ ଦ୍ୱାରା ଆବିଷ୍କୃତ କୁଇ ଲିପି ଉପରେ ଆଲୋଚନା ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ରାୟଗଡ଼ାର ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନକୁ ଅବଗତ କରିବା ଓ ହେଲ୍ପ ଡ଼େସ୍କ ଜରିଆରେ ସମାଜସେବା କରିବା ପାଇଁ ରାୟଗଡ଼ା ଆଦିବାସୀ ମହାସଂଘ ଗଠନ କରାଯାଇଛି।

ଜିଲାର ୨୬୭୩ ଗ୍ରାମ, ୧୮୨ ପଞ୍ଚାୟତ ସମେତ ୧୧ ବ୍ଲକରେ ଜିଲାସ୍ତରୀୟ କମିଟି ପହଞ୍ଚି ଆଦିବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଜନ କଲ୍ୟାଣମୂଳକ ଯୋଜନାର ପରିକଳ୍ପନା କରାଯିବ। ଏହି ଅବସରରେ ଆୟୋଜକ କମିଟି ସମ୍ପାଦକ ଗଙ୍ଗାଧର କଣ୍ଡାଗରୀ, ଶିକ୍ଷୟତ୍ରୀ ଇନ୍ଦୁ ହୁଇକା, କଳାକାର ବିଜୟିନୀ ହୁଇକା, ନିରଞ୍ଜନ କଣ୍ଡାଗରୀ, ହଲୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସାମାଜିକକର୍ମୀ ବିଚିତ୍ରାନନ୍ଦ ଜାକାକା, ଆକାଶ ନାଚିକା ଓ ବୋମାଦର ହିକକା ପ୍ରମୁଖ ସହଯୋଗ କରିଥିଲେ।

# ଦେବଗିରି ଆଶ୍ରମ ସନ୍ଥଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡ଼ା, ୧୫।୧୧(ଆଶିଷ ରଞ୍ଜନ ପଣ୍ଡା)



ସନ୍ନ୍ୟାସୀ ସ୍ୱରୁପାନନ୍ଦ ଗିରି

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଦେବଗିରି ଶୈବପୀଠସ୍ଥିତ ଆଶ୍ରମରେ ରହୁଥିବା ସନ୍ନ୍ୟାସୀ ସ୍ୱରୁପାନନ୍ଦ ଗିରି ଓରଫ ସରୋଜ କୁମାର ନାୟକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କଲ୍ୟାଣସିଂହପୁରଠାରେ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ କଲ୍ୟାଣସିଂହପୁର ଥାନରେ ଏତଲା ଦିଆଯାଇଛି। ସୂଚନା ମୁତାବକ ସନ୍ଥ ସ୍ୱରୁପାନନ୍ଦ ଉକ୍ତ ଆଶ୍ରମରେ ରହି ଗୋ ସେବା, ଅନ୍ଧବିଶ୍ୱାସ ବିରୋଧରେ ସଚେତନ କରିବା ଭଳି ଜନହିତକର କାର୍ଯ୍ୟ କରୁଛନ୍ତି। ଜଣେ ବ୍ୟକ୍ତି କଲ୍ୟାଣସିଂହପୁର ମୁଖ୍ୟ ରାସ୍ତା ଉପରେ ତାଙ୍କୁ ଅଟକାଇ ଅଭଦ୍ର ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କୁ ଉକ୍ତ ବ୍ୟକ୍ତି ଜଣକ ୱେଲ୍ଡିଂ ଦୋକାନରେ ଏକ ଲୁହା ଛଡରେ ମୁଣ୍ଡ ପଛପଟକୁ ବାଡେଇ ଦେଇଥିଲେ। ସ୍ୱରୁପାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାର ଡାକ୍ତର ତାଙ୍କୁ ରାୟଗଡ଼ାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏକ ବଡ ଷଡ଼ଯନ୍ତ୍ର କରି ସ୍ୱରୁପାନନ୍ଦଙ୍କୁ ଆକ୍ରମଣ ହୋଇଥିବା ନେଇ ତାଙ୍କ ଏତଲାରେ ଉଲ୍ଲେଖ ରହିଛି। ଏହାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ହିନ୍ଦୁ ସଂଗଠନ ତଥା ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଶୋଭାଯାତ୍ରା, ସଭାରେ ବିର୍ସା ମୁଣ୍ଡା ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଟିକିରି,୧୫।୧୧
(ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକସ୍ଥିତ ତଟାଗୁଡା ଛକ ଏବଂ ସାନ ମାଟିକୋଣା ଗାଁରେ ଶହୀଦ ବୀର ବିର୍ସା ମୁଣ୍ଡାଙ୍କର ଜୟନ୍ତୀ ପାଳିତ ହୋଇଯାଇଛି।ଆଦିବାସୀ ଓ ପଛୁଆ ବର୍ଗ ସମ୍ପ୍ରଦାୟର ଶତାଧିକ ଯୁବତୀଯୁବକଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଯୁବତୀ ଯୁବକ ପାରମ୍ପରିକ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରି ସଭା ସ୍ଥଳରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ଗ୍ରାମରୁ ଆସିଥିବା ଯୁବତୀ ଯୁବକମାନେ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଦୁଲ୍ଲଭ ସାଉଁନ୍ତା ଓ ତ୍ରିନାଥ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାୟଗଡ଼ା ବିଧାୟକ ମକର ମୁଦୁଲି, ବ୍ଲକ ଅଧକ୍ଷା କଣ୍ଟ ମାଝି, ଭଗବାନ ମାଝି,ସଦନ ମାଝି, ଶିବ ମାଝି, ସାନ୍ଧୁ ମାଝି, ରାମନାଥ ମାଝି, ଅର୍ଜୁନ ମାଝି, ଗୋବିନ୍ଦ ମାଝି, ଲୋକ ସଂଗଠନ ଜନଜାଗରଣ ମଞ୍ଚ ସଦସ୍ୟ ସଦା ମାଝି, ପଦମନ ମାଝି, କେଶବ ମାଝି, ବିଦ୍ୟାଧର ଦୁରିଆ, ବନମାଳୀ ମାଝି, ବଙ୍ଗାରୁ ମାଝି, ଗଜେନ୍ଦ୍ର ମାଝି, ଜଗଦୀଶ ମାଝି, ପରମେଶ୍ୱର ମାଝି, ରମେଶ ମାଝି, ପବିତ୍ର ମାଝି, ଜୟରାମ ମାଝି, ଅମିନ ମାଝି, ଜିତେନ୍ଦ୍ର ନାଏକ, ରାଜୁ କୁଳଦୀପ, ଶିବ ମାଝି, ଶଙ୍କର ଦୁରିଆ, ଯୁବ ସଂଗ୍ରାମୀ ଶିବରାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

### ଭାଗବତ ସପ୍ତାହ, ଜ୍ଞାନଯଜ୍ଞ ଅନୁଷ୍ଠିତ

ମୁନିଗୁଡ଼ା, ୧୫।୧୧(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ମୁନିଗୁଡ଼ାର ପାଇକସାହିସ୍ଥିତ ଭଲିବଲ ପଡିଆ ପରିସରରେ ରାଧା ଦାମୋଦର ଭାଗବତ ପ୍ରବଚନ କମିଟି ପକ୍ଷରୁ ଭାଗବତ ସପ୍ତାହ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃନ୍ଦାବନ ରାଧାକୁଣ୍ଡରୁ ପ୍ରବକ୍ତା ମୋହନ ଗୋପାଳ ଦାସ ମହାରାଜ ପ୍ରବଚକ ଭାବେ ଯୋଗ ଦେଇ ପବିତ୍ର ଭାଗବତର ବିଭିନ୍ନ ଶ୍ଳୋକ ଓ ଭାଗବତର ପ୍ରତେକଟି ଜ୍ଞାନକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଶ୍ରୀକୃଷ୍ଣଙ୍କ ଲୀଳାକୁ ପ୍ରବଚନ ମାଧ୍ୟମରେ ଲୋକଙ୍କୁ ଶୁଣାଉଛନ୍ତି। ଏଥିସହ ସତ୍‌ମାର୍ଗରେ ଚାଲିବା, ଭଗବାନଙ୍କୁ ସ୍ମରଣ, ବଡ଼ ଓ ଗୁରୁଜନଙ୍କୁ ସମ୍ମାନ ଦେବା ସହ ବିଭିନ୍ନ ଧାର୍ମିକ ସଚେତନତା ବାର୍ତ୍ତା ଦେଉଛନ୍ତି। ଭକ୍ତ ମାନେ ନାଚଗୀତ କରି ଆନନ୍ଦ ଉଲ୍ଲାସର ସହ ପ୍ରବଚନକୁ ଉପଭୋଗ କରୁଛନ୍ତି। ଭାଗବତ ସପ୍ତାହ ଓ ଜ୍ଞାନଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟିର ଜାମି ମହେଶ ଓ ରଜତ ମହାରଣା ସମେତ ଅନ୍ୟ ସଦସ୍ୟ ମାନେ ପ୍ରକାଶ କହିଛନ୍ତି। କାର୍ତ୍ତିକ ମାସ ହୋଇଥିବାରୁ ମୁନିଗୁଡାର ମୁନିଖୋଲ,ପାଇକସାହି, ଗୌଡ଼ସାହି, ଖମଣସାହି, ଗୋବର୍ଦ୍ଧନ, ଗତିଗୁଡା,ଟିକରପଡା ସାହି ସହ ଆଖପାଖ ଗ୍ରାମ ତେଲେଙ୍ଗାପଦର, ଗଙ୍ଗରପଡା, ଭୈରବଗଡ଼,କୁତ୍ରାଗଡ଼ ସହ ବିଭିନ୍ନ ଗ୍ରାମାଞ୍ଚଳର ଭାଗବତ ତୁଙ୍ଗୀର ସଦସ୍ୟମାନେ ଉପସ୍ଥିତ ରହୁଛନ୍ତି । କାର୍ଯ୍ୟକ୍ରମକୁ ରାଧାଦାମୋଦର ଭାଗବତ ପ୍ରବଚନ କମିଟିର ରୁଦ୍ରପ୍ରସାଦ ରତ୍ନାଲୁ, ପ୍ରଭାକର ଲବଲା, ଅଜିତ ମହାରଣା, ବଂଶୀଧର ନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରୁଛନ୍ତି।

### କନିଷ୍ଠ ଯନ୍ତ୍ରୀଙ୍କୁ ଧମକଚମକ ଅଭିଯୋଗ

ଜୟପୁର,୧୫।୧୧ (ପବନ ପାଣିଗ୍ରାହୀ)

ଜୟପୁର ପୌର ପାଳିକାରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅଜୟ ଜାନିଙ୍କୁ ସାମାଜିକ ଗଣ ମାଧ୍ୟମରେ ଜଣେ ଯୁବକ ଧମକଚମକ ଦେଉଥିବା ନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫେସ୍‌ବୁକରେ ରଘୁ ନାୟକ ନାମକ ଜଣେ ଯୁବକ ତାଙ୍କୁ ଗତ ୧୩ ତାରିଖରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇକେସ୍ ନଂ. ୩୬୭/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି ।

# ବିଡିଓଙ୍କୁ ଅଭିଯୋଗ କଲେ ଲୋକ ପ୍ରତିନିଧି



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ଚନ୍ଦ୍ରପୁର,୧୫।୧୧(ବିଜୟ ପ୍ରସାଦ ଉଲାକା)

**ଚନ୍ଦ୍ରପୁରରେ ନାହାନ୍ତି ବହୁ ବିଭାଗୀୟ ଅଧିକାରୀ**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ମୁଖ୍ୟ କାର୍ଯ୍ୟାଳୟରେ ଅନେକ ବିଭାଗରେ ଅଧିକାରୀ ନାହାନ୍ତି। ବ୍ଲକ ଜିପିଇଓ, ଡବ୍ଲୁଇଓ, ପିଏ, ସିଡିପିଓ, ଏଇ, ପିଇଓ, ସାମ୍ପ୍ରସରଣ ଅଧିକାରୀ, ଏମ୍‌ଆଇଙ୍କ ଭଳି ବିଭାଗର ଅଧିକାରୀ ଦୀର୍ଘ ଦିନ ଧରି ଏଠାରେ ରହୁନାହାନ୍ତି। ଏଠାରେ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆ ଯାଇନାହିଁ ବୋଲି ଅଭିଯୋଗ ଆଣିଛନ୍ତି ବ୍ଲକ ଚେୟାରମ୍ୟାନ କୈନ କିମ୍ବାକା। ବୁଧବାର ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ବିଡିଓ ଅକ୍ଷୟ କୁମାର ମଲିକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଖୁବ ଶୀଘ୍ର ଖାଲିଥିବା ପଦବୀ ପୂରଣ କରା ନ ଗଲେ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦାଳନ କରାଯିବ ବୋଲି ସରପଞ୍ଚ ଅନିତା ଶବର, ସୁନୀତା ମୁଣ୍ଡି, ଭୀମ ଗୋଗେରେଙ୍ଗା, ସମିତି ସଭ୍ୟ ମନୋଜ ପ୍ରଶାକା ଚେତାବନୀ ଦେଇଛନ୍ତି। ଏଠାରୁ ସମସ୍ତଙ୍କ ବଦଳି କରାଯିବାପରେ କାହାକୁ ନିଯୁକ୍ତି ଦିଆଯାଉନି। ଫଳରେଲୋକେ ବହୁ ଅସୁବିଧାର ସମୁଖୀନ ହଉଛନ୍ତି ବୋଲି ଚେୟାରମ୍ୟାନ ଅଭିଯୋଗ କରିଛନ୍ତି। ଏଥିସହ ବ୍ଲକରେ କୌଣସି କର୍ମଚାରୀ ରହୁନାହାନ୍ତି, ବିଡିଓ ମଧ୍ୟ ମୁନିଗୁଡା ବ୍ଲକରେ ରହୁଛନ୍ତି। ବହୁ ଅଧିକାରୀ ନିୟମିତ ବ୍ଲକ କୁ ଆସୁ ନଥିବାବେଳେ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ପଦେକ୍ଷେପ ନିଅନ୍ତୁ ବୋଲି ସମସ୍ତ ଲୋକ ପ୍ରତିନିଧି ଦାବି କରିଛନ୍ତି।

# ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ଷମ ଉଦ୍‌ଘାଟିତ



ଛାତ୍ରୀମାନଙ୍କ ବାହାରିଥିବା ମଶାଲ ଶୋଭାଯାତ୍ରା।

ଗୁଣପୁର, ୧୫।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣୁପୁରସ୍ଥିତ ଥାୟାରାମ୍ମା ସ୍ନାତକ ମହିଳା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ସିୟା ଏହାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଯୁବଶକ୍ତିର ବିକାଶ ଲାଗି ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧାପିକା, ଅଧାପକଙ୍କ ସହ ଅନ୍ୟମାନେ ଏକ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଯୁବ ବିକାଶ କାର୍ଯ୍ୟକ୍ରମରେ ହେବାକୁ ଥିବା କ୍ରୀଡ଼ା ପ୍ରତିଯୋଗିତା ସହ ସାଂସ୍କୃତିକ ଉତ୍ସବ ଆସନ୍ତା ୧୮ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ସସ୍ମିତା ସାହୁ ପରିଚାଳନା କରିଥିଲେ।

# ଉମ୍ବସରା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି।

ଗୁଣପୁର, ୧୫।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ଉମ୍ବସରା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଚ୍ଚଶିକ୍ଷାରେ ଗୁଣାତ୍ମକ ମୂଲ୍ୟବୋଧ ସହ ଶୈକ୍ଷିକ ବିକାଶ ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ରୂପେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗ ଦେଇ ଶିକ୍ଷକ ଶିକ୍ଷାୟତନ ଓ ଉଚ୍ଚଶିକ୍ଷାର ମାନବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବକୁ କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ପରିଚାଳନା କରିଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ମାଝୀ, ରାମକୃଷ୍ଣ ସେନାପତି, ରତିକାନ୍ତ ମିଶ୍ର, ଶ୍ରୀକାନ୍ତ ରଥ, ଅଧାପିକା ଉମାବତୀ କାଡ୍ରାକା, ମିନି ଶବର, ମହେଶ୍ୱତା ପାଣିଗ୍ରାହୀ, ପ୍ରିୟା ମହାପାତ୍ରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ପରମ୍ପରା ଅନୁସାରେ ଦିଆଲି ପାଳିଲେ ଲୋକେ

ଟିକିରି, ୧୫।୧୧ (ପ୍ରଫୁଲ କୁମାର ବେହେରା)



ଆଲୋକର ପର୍ବ ଦୀପାବଳୀ। ରାୟଗଡ଼ା ଜିଲା କାଶୀପୁର ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳ ଓ ବୋଉଳ ଅଞ୍ଚଳର ବିଭିନ୍ନ ଗାଁ ଗହଳିରେ ଏହି ପର୍ବକୁ ଦୀର୍ଘ ଚାରି ପାଞ୍ଚ ଦିନଧରି ପାଳନ କରାଯାଏ। ଏହି ସମୟରେ କାଶୀପୁର ବ୍ଲକର ବିଭିନ୍ନ ଗାଁ ଗହଳିରେ ହରିଜନ ପରମ୍ପରା ଅନୁସାରେ ଗ୍ରାମର ମୁଖିଆ ନାଇକ ଧାଙ୍ଗଡା ମାଞ୍ଝିକୁ ବାଲିଫୁଲ ପିନ୍ଧାଇ ଖଟିଆରେ ଗାଁର ଚାରି ଦ୍ୱାର ବୁଲାଇ ମଉଜ ମସ୍ତି କରିଥାନ୍ତି। ତେବେ ସେହିପରି କାଶୀପୁର ବ୍ଲକ ସ୍ଥିତ କାଳିଆ ପଡ଼ା, ମହିଳାଗୁଡା, ପଞ୍ଚାଳି, ଟିକିରି, ଦୁଡୁକା ବାହାଲ, ପରି ବିଭିନ୍ନ ଗ୍ରାମରେ ବହୁ ଧୁମଧାମରେ ଦିଆଲି ପର୍ବ ପାଳନ କରାଯାଏ। ତେବେ ଦିଆଲି ପର୍ବ ହରିଜନ ସମ୍ପ୍ରଦାୟର ଲୋକମାନଙ୍କର ବଡ଼ ପର୍ବ ହେଇଥାଏ। ତେବେ ଏହି ପର୍ବରେ ଦେଶ ବିଦେଶରେ ରହି କାମଦାମ କରି ଯାଇଥିବା ସମସ୍ତ ଲୋକ ବାକ ବନ୍ଧୁ ବାନ୍ଧବ ମିସି ବହୁ ଖୁସିରେ ପାଳନ କରିଥାନ୍ତି। ଗ୍ରାମର ଯୁବତୀ ଯୁବକ ଛୋଟ ଛୋଟ ପିଲାମାନେ କିରି ମାଳ ବାନ୍ଧି କରି ପିଠା ମାଂସ ଭାତ ଖାଇ ବାଜା ମଉରି ସହ ସହିତ ନାଚ ଡେଗା କରିଥାନ୍ତି। ତେବେ ସେହିପରି ଏବେ ନିଜର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ କେଉଁ ରାଜାରାଜୁଡ଼ା ଅମଳରୁ ଏହି ଦିଆଲି ପର୍ବକୁ ରିତି ନିତି ଅନୁସାରେ ପାଳନ କରାଯାଉଛି।

# ଜିଲାସ୍ତରୀୟ ସଞ୍ଚୟ ପକ୍ଷ ଉଦ୍‌ଯାପିତ

ରାୟଗଡ଼ା, ୧୫।୧୧(ଭାଗ୍ୟଶ୍ରୀ ମିଶ୍ର)




ସଞ୍ଚୟ ପକ୍ଷ ଉଦ୍‌ଯାପନୀ ଅବସରରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ରାୟଗଡ଼ା ଜିଲା ସ୍ୱଳ୍ପ ସଞ୍ଚୟ ସଂସ୍ଥା ତରଫରୁ ସଞ୍ଚୟ ପକ୍ଷର ଉଦ୍‌ଯାପନ ସମାରୋହ ମଙ୍ଗଳବାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ସଞ୍ଚୟ ପକ୍ଷ ଅବସରରେ ଜିଲା ବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର କରାଯାଇ ଲୋକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଞ୍ଚୟର ଉପଯୋଗୀତା ଉପରେ ବାର୍ତ୍ତା ଦିଆଯାଇଥିଲା। ସଚେତନତା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପ୍ରତିଯୋଗୀମାନେ 'ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସଞ୍ଚୟର ଆବଶ୍ୟକତା' ଓ ଉଚ୍ଚଶ୍ରେଣୀରେ "ଭାରତୀୟ ପାଠ୍ୟକ୍ରମ ଖସଡାରେ ଆର୍ଥିକ ଶିକ୍ଷାର ଗୁରୁତ୍ୱ" ଉପରେ ବକ୍ତବ୍ୟ ରଖିଥିଲେ। ସେଥିରୁ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧାପିକା ବବିଲତା ସରାଫ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ଏଜେଣ୍ଟ ଓ ସାଧାରଣ ଲୋକଙ୍କୁ ରାଷ୍ଟ୍ରୀୟ ଅର୍ଥନୀତିରେ କିପରି ସଞ୍ଚୟ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଛି ତାହା ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ସାଇ ମାଧବ, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ, ଅନ୍ତରାଷ୍ଟ୍ରୀୟ ଅର୍ଥନୀତିରୁ ନେଇକି ଆଖପାଖର ଅର୍ଥନୀତିରେ କିପରି ସଞ୍ଚୟ ଦ୍ୱାରା ଜନତା ଦେଶ ଓ ସମାଜ ଉପକୃତ ହୁଏ ସେ ବିଷୟରେ କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ସଞ୍ଚୟ ଓ ସାମାଜିକ ସୁରକ୍ଷା ଭିତରେ ଥିବା ସମ୍ପର୍କକୁ ଉଜ୍ଜୀବିତ କରିଥିଲେ। ଭାରପ୍ରାପ୍ତ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ବିଠଲ ନୀଳୋତ୍ପଳ ଷଡ଼ଙ୍ଗୀ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଜନହିତକର ପଦକ୍ଷେପ ଉପରେ ଜଣାଇଥିଲେ। ଇଂଲିଶ ଅଧାପକ ଶ୍ରୀନିବାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

**ବ୍ଲକସ୍ତରୀୟ ପରବ ଅବସରରେ କ୍ରୀଡ଼ା ପ୍ରତିଯୋଗିତା**

ଜୟପୁର, (ପବନ ପାଣିଗ୍ରାହୀ): ଜୟପୁର ବ୍ଲକସ୍ତରୀୟ ପରବ-୨୦୨୩ ଅବସରରେ ବୁଧବାର ଆମ୍ବାଗୁଡା ହାଇସ୍କୁଲ ଖେଳ ପଡିଆରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି, ଫୁଟବଲ ସହ ଅନ୍ୟାନ୍ୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର ,ଏପିଓ ମାନସ କର, ମଙ୍ଗଳ ଅଧିକାରୀ ଆଭା ପ୍ରଧାନ, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି , ଜିଲା ପରିଷଦ ସଦସ୍ୟା, ଆମ୍ବାଗୁଡା ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ଲକ, ଏନ୍ଏସିସ୍ତରୀୟ ବିଜ୍ଞାନ ମେଳା

**କୋଟପାଡ, ୧୫ା୧୧(କେ. ରାଜଶେଖର ରାଓ)**

କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବ୍ଲକ ଓ ଏନଏସିସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଡିଓ ଲଳିତ ମଣ୍ଡଳ, ସମ୍ମାନିତ ଅତିଥି ରୂପେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା, ପ୍ରଧାନ ଶିକ୍ଷକ ସପ୍ତେଶ୍ୱର ନାୟକ ଉପସ୍ଥିତ ଥିଲେ। ବିଜ୍ଞାନମେଳାରେ ୮୩ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ତହସିଲଦାର ତୁଳା ମୁଦୁଲି, ସମ୍ମାନିତ ଅତିଥି ରୂପେ ବ୍ଲକ ଶିକ୍ଷା ଅଧିକାରୀ ତିଲୋତମା ଗରଦା ଯୋଗ ଦେଇଥିଲେ। ମେଳାରୁ ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଏଥିରେ ପ୍ରଥମ ସ୍ଥାନରେ ବାଳିକା ବିଦ୍ୟାଳୟର ଖୁସୁବୁ ପାତ୍ର, ଦ୍ୱିତୀୟ ସ୍ଥାନରେ କୁସୁମୀ ବିଦ୍ୟାଳୟର ଆଦିତ୍ୟା ବିଶ୍ୱାସ, ଭୁମିକା ହରିଜନ, ତୃତୀୟ ସ୍ଥାନରେ ଭୁରସି ବିଦ୍ୟାଳୟର ଅର୍ଜୁନ ମାଝୀ, ଓଏବିର ସ୍ନେହଲତା ଅଧିକାରୀ ରହିଛନ୍ତି। ପ୍ରଧାନ ଶିକ୍ଷକ ଦିବାକର ରାଓ ସହଯୋଗ କରିଥିଲେ।

### ୧୧୫ ପ୍ରତିଯୋଗୀଙ୍କୁ ନେଇ ବିଜ୍ଞାନ ମେଳା

**ବୋରିଗୁମ୍ମା, ୧୫ା୧୧ (ବିଜୟ ସାହୁ)**

ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୧୧୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, କମ୍ୟୁନିକେସନ ଆଣ୍ଡ ଟ୍ରାନ୍ସପୋର୍ଟ, ସ୍ୱାସ୍ଥ୍ୟ, କୃଷି, କମ୍ପ୍ୟୁଟର ଆଣ୍ଡ ଟେକ୍ନୋଲୋଜିକୁ ଭିତ୍ତି କରି ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରସ୍ତୁତ କରି ଆଣିଥିଲେ। ଶ୍ରେଷ୍ଠ ୫ଜଣଙ୍କୁ ପୁରସ୍କୃତ କରାଯିବା ସହ ଅନ୍ୟ ୧୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୁମୁଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ମାର୍କଣ୍ଡ ସତନାମି ଓ ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ ମଲ୍ଲିକ ଯୋଗ ଦେଇଥିଲେ। ଅଭିଷେକ ତ୍ରିପାଠୀ, ପବିତ୍ର ପୂଜାରୀ, ସିଡୁ ହରିଜନ, ସ୍ୱୟଂ ପ୍ରକାଶ ହୋତା, ରୂପାଙ୍କ ପ୍ରକଳ୍ପ ଶ୍ରେଷ୍ଠ ମନୋନୀତ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ କଣାଗାଁର ଜଣେ ଭିନ୍ନକ୍ଷମ ଛାତ୍ର ଟିକୁଲା ଭୂମିଆଙ୍କ ବର୍ଷା ଜଳ ଅମଳ ପ୍ରକଳ୍ପ ସମସ୍ତଙ୍କ ମନ ଜିଣିଥିଲା। ବୋରିଗୁମ୍ମା ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ବିଜୟ ନାରାୟଣ ସାହୁ ଭୂମିଆଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷକ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କୁ ଜି.ମୋହନ ଦୋରା ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ରମେଶ ଚନ୍ଦ୍ର ସାହୁ, ରାଜ ଲକ୍ଷ୍ମୀ ସାହୁ, ଗୌତମ ଚରଣ ପାତ୍ର, ଲକ୍ଷ୍ମୀ ନାରାୟଣ ମିଶ୍ର, ମାର୍କଣ୍ଡ ସତନାମୀ, ନର୍ମଦା ମହାନ୍ତି, ରଜନୀରାଣୀ ତୁରକ୍, ସନ୍ତୋଷ ପାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ୨୪ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ନନ୍ଦପୁର, ୧୫ା୧୧(ଶଙ୍କର ପୂଜାରୀ)**

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୪ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ଅଧକ୍ଷତାରେ ବସିଥିବା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ତହସିଲଦାର ଅନାଦି ଚରଣ ସାହୁ, ଡାକ୍ତର ଦୁବରାଜ ମୁର୍ମୁ, ସିଡିପିଓ ମିନତିବାଳା ପଟ୍ଟନାୟକ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଯସକେତନ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରିତା ଓରାମ, ୨୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପିଇଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ତରର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଓରାମ ଭିନ୍ନକ୍ଷମଙ୍କ ସହାୟତା ନିମନ୍ତେ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ଅଞ୍ଚଳରେ ଥିବା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ଶିବିରରେ ଉପସ୍ଥିତ ଡାକ୍ତରୀ ଦଳଙ୍କ ନିକଟରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା, ଭିନ୍ନକ୍ଷମ ପ୍ରମାଣପତ୍ର, ବିଭିନ୍ନ ସହାୟତା ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଭିନ୍ନକ୍ଷମ ଅସହାୟମାନଙ୍କୁ ସହାୟତା ସ୍ୱରୂପ ବ୍ୟବସାୟିକ ପ୍ରତିଷ୍ଠାନ କରି ଜୀବିକା ନିର୍ବାହ କରିବା ନିମନ୍ତେ ବ୍ଲକ ପକ୍ଷରୁ ପଠାଯାଇଥିବା ୧୫ରୁ ଉର୍ଦ୍ଧ୍ୱ ଆବେଦନପତ୍ରକୁ ବ୍ଲକ ଅଞ୍ଚଳରେ ଥିବା ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜିଲାପାଳ ଓ ଲିଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର ହୋଇଥିଲା। ଡିଇଓ ଅର୍ଜୁନ ମାଝୀ ବୈଠକ ପରିଚାଳନା କରିଥିଲେ।

# ଗଛ ତଳେ ପିଲାଏ ପଢୁଛନ୍ତି ପାଠ

**ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ଶ୍ରେଣୀଗୃହ**

**ଦାମନଯୋଡି, ୧୫ା୧୧(ନରସିଂହବ୍ରହ୍ମା)**


ଗଛତଳେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସେହି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଛାତ ଏବଂ କାନ୍ଥ ଭାଙ୍ଗି ଆଁ କରି ରହିଛି। କେତେବେଳେ ଯେ ଏହି ଶ୍ରେଣୀଗୃହ ଭୁଶୁଡି ପଡ଼ିବ ତାହା ଏବେ ଚିନ୍ତାର ବିଷୟ ହୋଇଛି। ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଛି। ୨୫ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବାକୁ ରହିଛନ୍ତି ତିନି ଜଣ ଶିକ୍ଷକ। ଶ୍ରେଣୀଗୃହ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଛାତ୍ରୀଛାତ୍ରମାନେ ଗଛ ତଳେ ପାଠ ପଢୁଛନ୍ତି। ବର୍ଷା ହେଲେ ନାହିଁ ନ ଥିବା ଅସୁବିଧା ହେଉଛି। ସେ ସମୟରେ ପିଲାମାନେ ବିଭିନ୍ନ ଲୋକଙ୍କ ଘର ପିଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ୫-ଟି ଅଧୀନରେ ବିଭିନ୍ନ ସ୍କୁଲ ମରାମତି ସାଙ୍ଗକୁ ନୂତନ କୋଠା ନିର୍ମାଣ କରାଯାଉଥିବା ବେଳେ କୁମ୍ଭାରଗୁଡା ସ୍କୁଲ ସରକାରଙ୍କ ନଜର ଆଢୁଆଳରେ ରହିଯାଇଛି। ସ୍କୁଲ ଘର ମରାମତି ପାଇଁ ବହୁବାର ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନାହିଁ। ଗୁମାଲଗୁଡା ସ୍କୁଲକୁ ସରକାର ସମ୍ପୂର୍ଣ୍ଣ ବନ୍ଦକରି ଦେଇ କୁମ୍ଭାରଗୁଡା ସ୍କୁଲ ସହ ମିଶାଇ ଦେଇଛନ୍ତି। ଏହି ବିଦ୍ୟାଳୟରେ ପିଲାଙ୍କ ପାଇଁ କୌଣସି ସୁବିଧା ନାହିଁ। ଟଏଲେଟ, ପାଣି, ପିଲାଙ୍କ ଖେଳିବା ନେଇ ସୁବିଧା କିଛି ନାହିଁ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୩ ସ୍ୱର୍ଣ୍ଣପଦକ ଜିତି କୋରାପୁଟର ମାନସ ଚାମ୍ପିୟନ


ପାଇଥିବା ପଦକ ଦେଖାଉଛନ୍ତି ମାନସ।

**କୋରାପୁଟ, ୧୫ା୧୧(ଅମିତାଭ ବେହେରା)**

ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମାନସ ମାଝି ୩ଟି ସ୍ୱର୍ଣ୍ଣପଦକ ଜିତି ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ବିଦ୍ୟାଳୟ ସଂଘ ଏବଂ ଜିଲା ବିଦ୍ୟାଳୟ କ୍ରୀଡା ସଂଘର ମିଳିତ ଆନୁକୂଲ୍ୟରେ ଗତ ମାସ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ସୁନ୍ଦରଗଡଠାରେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ଟି ଜିଲାରୁ ୩୦୬ ଜଣ ଛାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବୟସର ବାଳକମାନେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ କୋରାପୁଟ ଜିଲାରୁ ୧୩ ଜଣ ଛାତ୍ର ବିଭିନ୍ନ ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ଛାତ୍ର ମାନସ ୧୦୦ ଏବଂ ୨୦୦ ମିଟର ଦୌଡ ଏବଂ ଲଙ୍ଗ ଜମ୍ପ ଆଦି ବିଭାଗରେ ୩ଟି ସ୍ୱର୍ଣ୍ଣପଦକ ଜିତି କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କ ସହ ୪ ଜଣ ପ୍ରତିଯୋଗୀ ମଧ୍ୟ ପୁରସ୍କୃତ ହୋଇଥିବା ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭୀମ ବେହେରା କହିଛନ୍ତି। ମାନସ ଏବେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣ ନେଇ ଲୋକଙ୍କୁ ସଚେତନ କରିବ ରଥ

**କୋରାପୁଟ/ଦଶମନ୍ତପୁର, ୧୫ା୧୧ (ଅମିତାଭ ବେହେରା/ଅରବିନ୍ଦ ନାୟକ)**


ଦଶରଥପୁରରେ ସଚେନତା ରଥକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

କୋରାପୁଟରେ ମଙ୍ଗଳବାର ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। ପୋଷ୍ୟ ସନ୍ତାନ ଗ୍ରହଣ ବାସ୍ତବରେ ଏକ ମହତ କାର୍ଯ୍ୟ। ଶିଶୁଟିକୁ ମିଳେ ଏକ ସୁଖମୟ ଜୀବନର ଭବିଷ୍ୟତ। ଏହି ବାର୍ତ୍ତା ନେଇ ମଙ୍ଗଳବାରଠାରୁ ଆସନ୍ତା ୫ ଦିନ ଧରି କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳରେ ଏହି ରଥ ସଚେତନ କରିବ। ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ପ୍ରୋବେଶନାରି ପ୍ରଶାସନିକ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ୨୦୧୪ରୁ ଏଯାଏ କୋରାପୁଟ ଜିଲ୍ଲାରୁ ୯୦ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୨ ଜଣ ଶିଶୁ ଦେଶ ବାହାରକୁ ପୋଷ୍ୟ ସନ୍ତାନ ଭାବେ ଯାଇଛନ୍ତି। ଜଣେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ପୂର୍ବରୁ ନେଇ କଣ ସବୁ ନିୟମ ରହିଛି ତାହା ଜାଣିବା ନିହାତି ଆବଶ୍ୟକ। ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଶିଶୁଟି ସମସ୍ତ ଅଧିକାର ପାଇବା ସହିତ ମା'ବାପାଠାରୁ ସ୍ନେହ ପାଇବାର ହକ୍ଦାର ହୋଇଥାଏ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କହିଛନ୍ତି। ଜିଲା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

ଦଶମନ୍ତପୁର ବ୍ଲକସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ପକ୍ଷରୁ ବୁଧବାର ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏଥିରେ ଆଇଡିଏସ୍ ମ୍ୟାନେଜର ସୌମ୍ୟରଞ୍ଜନ ପଟ୍ଟନାୟକ, ହାଉସ ଫାଦର ପ୍ରଭାକର ସେମର୍ଲିଆ, ପ୍ରତାପ ଚନ୍ଦ୍ର ଜେନା, ଆଲୋକ ଦାଶ, ଶୁଭସ୍ମିତା ପରିଡ଼ା, ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିଶୁ ଚାଲାଣ ବନ୍ଦ କରିବା, ଶିଶୁମାନଙ୍କୁ ସୁରକ୍ଷାଦେବା, ଆଇନଗତ ଭାବରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ବାର୍ତ୍ତା ପ୍ରଚାର କରିବା ଏହି ରଥର ଉଦ୍ଦେଶ୍ୟ। କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୫ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ-୨୦୧୭ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କରିବା ଲାଗି ଏହି ରଥ ଜନସାଧାରଣଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମ ନଭେମ୍ବର ଶେଷଯାଏ ଚାଲିବ ବୋଲି ସେମର୍ଲିଆ ସୂଚନା ଦେଇଛନ୍ତି।

### ପୋଖରୀରେ ବୁଡ଼ିଯାଇ ସ୍କୁଲ ଛାତ୍ର ମୃତ

**ମଧ୍ୟାହ୍ନ ଭୋଜନ ପରେ ସ୍କୁଲର ଅନ୍ୟ ୪ ପିଲାଙ୍କ ସହ ଶୌଚ ହେବାକୁ ଯାଇଥିଲେ**

**ନବରଙ୍ଗପୁର, ୧୫ା୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ବ୍ଲକ ଜାମ୍ବଗଡା ଗ୍ରାମର ଜେଇଏଲ୍ସି ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ସ୍କୁଲ ଛାତ୍ର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ଜଣକ ହେଲେ ସନ୍ତୋଷ ମହାରଣାଙ୍କ ପୁଅ ଦକ୍ଷ (୧୧)। ସ୍କୁଲର ମଧ୍ୟାହ୍ନ ଭୋଜନ ବିରତି ସମୟ ପରେ ଦକ୍ଷ ଅନ୍ୟ ୪ ଜଣ ସାଙ୍ଗଙ୍କ ସହ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। ପୋଖରୀରେ ଗାଧୋଇବା ବେଳେ ସେ ବୁଡ଼ି ଯାଇଥିଲେ। ତେବେ ଶୌଚ ଓ ଗାଧୋଇବା ପରେ ୪ ଜଣ ସାଙ୍ଗ ଫେରିଥିବା ବେଳେ ଦକ୍ଷ ଆଉ ଫେରି ନ ଥିଲେ। ସେ ପୋଖରୀରେ ବୁଡି ଯାଇଥିବା ନେଇ ଅନ୍ୟ ଛାତ୍ରମାନେ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ପୋଖରୀ ନିକଟକୁ ଆସିବା ବେଳକୁ ଗାଁର ଅନ୍ୟ ଜଣେ ଯୁବକ ଦକ୍ଷଙ୍କୁ ପାଣିରୁ ଉଦ୍ଧାର କରି ସାରିଥିଲେ। ତେବେ ସେ ସମୟରେ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଜମି ହିଡ଼ରେ ମୃତଦେହ ରଖି ଯୁବକ ଜଣଙ୍କ ସେଠାରେ ଥିଲେ। ସିଆର୍ସିସି ଘଟଣା ସମ୍ପର୍କରେ ଜାଣି ପୋଲିସ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛି। ପୋଲିସ କେସ୍ ନଂ. ୩୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଜୟପୁର ପୌରାଞ୍ଚଳ ସ୍ତରୀୟ ପରବ



**ଜୟପୁର, ୧୫ା୧୧ (ପବନ ପାଣିଗ୍ରାହୀ)**

ଜୟପୁର ପୌରାଞ୍ଚଳସ୍ତରୀୟ ପରବ ଉପଲକ୍ଷେ ବୁଧବାର କ୍ରୀଡା ସମେତ ବିଭିନ୍ନ ପ୍ରତିଯୋଗିତା ଦଶହରା ପଡିଆରେ ଅନୁଷ୍ଠିତ ହୋଇଛି। ଟାଉନହଲ୍ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରତିଯୋଗତା ହୋଇଛି। ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ।



କୋରାପୁଟ ଜିଲା ଜୟପୁରରେ ମଙ୍ଗଳବାର ଉଦ୍ଘାଟିତ ହୋଇଥିବା ପୌରାଞ୍ଚଳସ୍ତରୀୟ ପରବରେ ମୁଖ୍ୟଅତିଥି ରୂପେ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ରୂପେ ଉପ ଜିଲାପାଳ ପ୍ରଭାତ ପରିଡ଼ା, ଏସ୍ଡିପିଓ ହରିଶ ବିସି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷା ବି. ସୁନିତା, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### କନିଷ୍ଠ ଯନ୍ତ୍ରୀଙ୍କୁ ଧମକଚମକ ଅଭିଯୋଗ

**ଜୟପୁର, ୧୫ା୧୧ (ପବନ ପାଣିଗ୍ରାହୀ)**

ଜୟପୁର ପୌର ପାଳିକାରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଅଜୟ ଜାନିଙ୍କୁ ସାମାଜିକ ଗଣ ମାଧ୍ୟମରେ ଜଣେ ଯୁବକ ଧମକଚମକ ଦେଉଥିବା ନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫେସ୍ ବୁକରେ ରଘୁ ନାୟକ ନାମକ ଜଣେ ଯୁବକ ତାଙ୍କୁ ଗତ ୧୩ ତାରିଖରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇକେସ୍ ନଂ. ୩୬୭/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଦୁଇଦିନିଆ ବ୍ଲକସ୍ତରୀୟ ପରବ ଉଦ୍ଯାପିତ


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ପଟ୍ଟାଙ୍ଗି, ୧୫ା୧୧ (ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ତଥା ପରବ କମିଟି ପକ୍ଷରୁ ମିନି ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ଦୁଇଦିନିଆ ପରବ ଉଦ୍ଯାପିତ ହୋଇଯାଇଛି। ସୂଚନା ଉଦଯାପନୀ ଉତ୍ସବରେ ବିଧାୟକ ପିତମ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକ ନୃତ୍ୟ ଢେମସା ଓ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ପରବରୁ ଜିଲାସ୍ତରୀୟ ପରବକୁ ଦେଓପଟ୍ଟାଙ୍ଗି ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ବିକେଏସଏସ୍ ଢେମସା ନୃତ୍ୟ ଦଳକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ପରବ ପଡିଆରେ ବିଭିନ୍ନ ବିଭାଗର ହୋଇଥିବା ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଉଦଯାପନୀ ଉତ୍ସବରେ ବ୍ଲକର ୧୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ପୂର୍ବତନ ଏମ୍ପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି, ଜିଲା ପରିଷଦ ସଭ୍ୟ ଟିକାଇ ଗେମେଲ, ଲାଇଚନ ଖରା, ଉପାଧକ୍ଷ ତ୍ରିନାଥ କୋଟା , ଡାକ୍ତର ଭାଗବତ ମୁର୍ମୁ , ଏମ୍ପି ପ୍ରତିନିଧି ଶୁକ୍ରା ଖରା ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସୁକାନ୍ତ ପଟ୍ଟନାୟକ, ଜିପିଓ ଦିବାକର ପୁରୋହିତ, ବିଏସଏସଓ ସୁଧୀର ସାହୁ , ବ୍ଲକ ମଙ୍ଗଳ ଅଧିକାରୀ ଅନୀଲ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଦୁଇଦିନିଆ ପରବକୁ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମଙ୍ଗଳବାର ଉଦଘାଟନ କରିଥିଲେ।

# ନାଲ୍କୋ ପକ୍ଷରୁ ଜନଜାତି ଗୌରବ ଦିବସ ପାଳିତ

**ଦାମନଯୋଡି, ୧୫ା୧୧(ନରସିଂହ ବ୍ରହ୍ମା)**

ନବରତ୍ନ କମ୍ପାନୀ ନାଲ୍କୋ ପକ୍ଷରୁ ନାଲକୋ ଏସସି ଏବଂ ଏସ୍ଟି ସଂଘ କାର୍ଯ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ୧୪୮ତମ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳିତ ହୋଇଛି। ଏହି ଅବସରରେ ନାଲକୋର ଇଡି ଇଂ ସୁଶିଲ ପାଢ଼ୀ ମୁଖ୍ୟ ଅତିଥି, କୋରାପୁଟ ସରକାରୀ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ତନ୍ତି ମୁଖ୍ୟ ବକ୍ତା, ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ସ୍ୱରୂପ ମିଶ୍ର, ହିମାଂଶୁ ଶେଖର ପଣ୍ଡା, ଆରଏସ ରାଜୁ, ଜିଜିଏମ ପ୍ରମୋଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ଫଟୋରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଏସସିଏସଟି ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଜାନି ଅତିଥି ପରିଚୟ ଦେଇଥିଲେ। ସ୍ୱାଧୀନତା ସମୟରେ କିପରି ବିର୍ସା ମୁଣ୍ଡା ଜନଜାତିମାନଙ୍କୁ ଏକତ୍ରିତ କରି ଇଂରେଜମାନଙ୍କ ବିରୋଧରେ ଲଢେଇ କରି ଜୀବନକୁ ଉତ୍ସର୍ଗିତ କରିଥିଲେ ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ସରୋଜ ନାଥ, ପ୍ରବନ୍ଧକ ଭି. ଅନୁରାଧା ଓ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଶିଲ ଲାକ୍ରା ଧନ୍ୟବାଦ ଦେଇଥିଲେ।

# ଆଦିବାସୀଙ୍କ ନାଚଗୀତରେ ଦୁଲୁକିଲା ପରବ ମଞ୍ଚ


ପରବ ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବୈପାରିଗୁଡା, ୧୫ା୧୧ (କଳ୍ପତରୁ ମହାନ୍ତି)**

ବୁଧବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପରବ ପାଳିତ ହୋଇଯାଇଛି। ପରବ ମଞ୍ଚରେ ଦୁରୁଆ, ଭୂମିଆ, ପରଜା, ଗାଦବା, କନ୍ଧ ପ୍ରଭୃତି ଆଦିବାସୀଙ୍କ ନୃତ୍ୟ ଗୀତ ମନ ମୋହିଥିଲା। ଏଥିସହ ୨ ଦିନ ଧରି ବିଭିନ୍ନ କ୍ରୀଡା, ସୃଜନଶୀଳତା, ଲୋକସଙ୍ଗୀତ ଆଦି ପ୍ରତିଯୋଗିତା ହେଉଥିଲା। ଉଦ୍ଯାପନୀ ଉତ୍ସବରେ ଜିଲା ପରିଷଦ ଉପାଧକ୍ଷ ବିନୋଦ ସାମନ୍ତରାୟ, ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତା , ଉପାଧକ୍ଷ ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ ଓ ମଣି ଜାନି ,ବିଡିଓ ଭାସ୍କର ଚନ୍ଦ୍ରସାହୁ, ବିଧାୟକ ପ୍ରତିନିଧି ରମେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମଶାଲ ଶୋଭାଯାତ୍ରାରେ ସୁନାବେଡାରେ ଆରମ୍ଭ ହେଲା ପରବ

**ସୁନାବେଡା, ୧୫ା୧୧(କୃତ୍ତିବାସ ପ୍ରଧାନ)**


ଗଙ୍ଗା ମା' ମନ୍ଦିରରେ ପୂଜାର୍ଚ୍ଚନା ପରେ ପରବ ମଶାଲ ଅଣାଯାଉଛି।

ସୁନାବେଡା ପୌର ପରିଷଦ ପକ୍ଷରୁ ବୁଧବାର ପରବ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପୋରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଉପାଧକ୍ଷା ରତ୍ନ କଣ୍ଟାଙ୍କ ସମେତ ସମସ୍ତ କାଉନସିଲର, ପୋରାଞ୍ଚଳ ଅଧୀନ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଏସଏଚଜି ସଦସ୍ୟା, ସମସ୍ତ ପୌରକର୍ମଚାରୀ ଏକାଠି ହୋଇ ସେମିଳିଗୁଡା ଗଙ୍ଗା ମା' ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ସେମିଳିଗୁଡା ବସଷ୍ଟାଣ୍ଡରେ ପହଞ୍ଚିଥିଲା। ପରେ ଶୋଭାଯାତ୍ରା ସୁନାବେଡା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ସେଠାରେ ମଶାଲକୁ ସ୍ୱାଗତ କରାଯାଇଥିଲା। ପରେ ଏହା ଏଇଏଫ ମାର୍କେଟ ପରିକ୍ରମା କରି ସୁନାବେଡା-୧ ସ୍ଥିତ ଦଶହରା ପଡିଆରେ ହୋଇଥିବା ମୁଖ୍ୟ ମଞ୍ଚ ପରିସରରେ ମଶାଲ ସ୍ଥାପନ କରାଯାଇଥିଲା। ଏହି ମଶାଲ୍ ଶୋଭା ଯାତ୍ରାରେ ଢେମେସା ନୃତ୍ୟ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଏବଂ ସିନିୟର ବର୍ଗରେ ବିଭିନ୍ନ ସାଂସ୍କୃତିକ ଏବଂ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ବିଚାରକ ରୂପେ ଶିକ୍ଷୟିତ୍ରୀ ଶିକ୍ଷକମାନେ କୃତୀ ପ୍ରତିଭା ଚୟନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ,ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ତାଲି, ଏମ୍ପି ପ୍ରତିନିଧି ମହେଶ ଚନ୍ଦ୍ର ଚେଟି ଯୋଗ ଦେଇଥିଲେ। କୋରାପୁଟ ଆଦିବାସୀ ପାରମ୍ପରିକ କଳା, ସଂସ୍କୃତିକୁ ଲୋକ ଲୋଚନକୁ ଆଣିବାରେ ପରବ ହେଉଛି ଏକ ମାଧ୍ୟମ। ଏହି ଲୋକ ମହୋତ୍ସବ ପରବ ଏବେ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ। ପରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ରାମ ବେନିଆ, ରବୀନ୍ଦ୍ର ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ**

ନବରଙ୍ଗପୁର, (ସଦାଶିବ ପ୍ରହରାଜ): ନବରଙ୍ଗପୁର କେନ୍ଦ୍ରୀୟ ପରିଚାଳନା କମିଟି ବୈଠକ ଅତିରିକ୍ତ ଜିଲାପାଳ ନବୀନ ନାୟକ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଦସ୍ୟ ସଚିବ ତଥା ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ କେ. କୁରନ ବିବରଣୀ ପାଠ କରିଥିଲେ। ଏହା ପରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର କଲେଜର ଅଧ୍ୟକ୍ଷ ଭାସ୍କର ବିଶାଳ, ଅଭିଭାବକ ବିଭାଗ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମମତା ହେମରାଜ, ସାଂସ୍କୃତିକ ବିଭାଗ ସଦସ୍ୟ ସୁକୁମାର ସୁନା ଓ ଶିକ୍ଷକ ପ୍ରତିନିଧି ମଲିକା ରାୟ, ଦିନେଶ କୁମାର ପ୍ରଧାନ, ସୀମାନ୍ତ ତ୍ରିପାଠୀ, ଅନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ: ବୃଦ୍ଧ ମୃତ

### ଗୁରୁତର ଅବସ୍ଥାରେ ଅନ୍ୟ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର

ନନ୍ଦାହାଣ୍ଡି,୧୫।୧୧ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ଓ ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଖୁଣ୍ଟିଆ ଗ୍ରାମ ଛକରେ ୨ ବାଇକ୍ ମୁହାଁମୁହିଁ ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦାହାଣ୍ଡି ପଞ୍ଚାୟତ ରସିଆଗୁଡ଼ା ଗ୍ରାମର ହନୁମାନ ଭତ୍ରା(୬୨)। ଏହି ଦୁର୍ଘଟଣାରେ ଡଙ୍ଗରଭେଜା ଗ୍ରାମ ଦିବାକର ବିଷୋୟୀ (୩୮) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ହନୁମାନ ବାଇକ୍ (ଓଡ଼ି - ୨୪ଏଚ୍ - ୮୮୧୮)ରେ ନବରଙ୍ଗପୁରରୁ ନିଜ ଗାଁକୁ ଯାଉଥିଲେ। ଏହି ସମୟରେ ଦିବାକର ବାଇକ୍ (ଓଡ଼ି-୧୦ଜି -୭୫୦୨)ରେ ଡଙ୍ଗରଭେଜାରୁ ନବରଙ୍ଗପୁର ଆସୁଥିବାବେଳେ ଉଭୟଙ୍କର ଗାଡ଼ି ଖୁଣ୍ଟିଆ ଗ୍ରାମ ଛକରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହନୁମାନଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଦିବାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଦିବାକରଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ହନୁମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ବିଜେଡିର ଖବରଦାତା ସମ୍ମିଳନୀ

ରାଇଘର, ୧୫।୧୧(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗୋନା ଜଙ୍ଗଲରୁ ଗଛ କଟାକୁ ନେଇ ବିଜେଡି ବୁଧବାର ଏକ ଖବରଦାତା ସମ୍ମିଳନୀ କରିଛି। ଉମରକୋଟ ପୂର୍ବତନ ବିଧାୟକ ସୁବାଷ ଗଣ୍ଡ,ବ୍ଲକ ଅଧ୍ୟକ୍ଷା ନବିନା ନାୟକ,ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବିଜେଡି ବ୍ଲକ ସଭାପତି ରାଇସିଂ ଗଣ୍ଡ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାଥ ଗଣ୍ଡ ଓ ଖଗେଶ୍ୱର୍ ହରିଜନ, ସମିତି ସଭ୍ୟ ରାଜେଶ ଅଧିକାରୀ, ଅଭିମନ୍ୟୁ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା କମିଟି (ଏଫ୍‌ଆର୍‌ସି) ସହାୟତାରେ ବନ ବିଭାଗ ୪୦ ବର୍ଷ ପୁରୁଣା ଗଛ କାଟି ବିକ୍ରି କରିଥିବା ବିଜେଡି ଅଭିଯୋଗ କରିଥିଲା। ବନ ବିଭାଗ ବନପାଳ ଓ ବନରଖୀଙ୍କୁ ନିଲମ୍ବିତ କରିବା ସହ ବନପାଳଙ୍କୁ ବଦଳି କରିଛି। ଗଛ କାଟିବା ଅଭିଯୋଗରେ ୬



ଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ରେଞ୍ଜର, ଜଙ୍ଗଲ ସୁରକ୍ଷା କମିଟି ମୁଖ୍ୟଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ସ୍ଥାନୀୟ ରେଞ୍ଜର ସେଠାକାର ଏଫ୍‌ଆର୍‌ସିକୁ ହାତ କରି ଗୋନା ଜଙ୍ଗଲରେ ରହିଥିବା ୪୦ ବର୍ଷ ପୁରୁଣା ନୀଳଗିରି ଗଛ କାଟି ନେଇଥିବା ବିଜେଡି ଅଭିଯୋଗ କରି ୬ ତାରିଖରେ ରେଞ୍ଜରଙ୍କୁ ଘେରାଉ କରିଥିଲେ। ନବରଙ୍ଗପୁର ଜିଲା ଉପ ବନ ସଂରକ୍ଷକ ଧନଞ୍ଜୟ ମହାପାତ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଜଂଗଲ କାଟି ବିକ୍ରୀ କରିବା ଘଟଣାରେ ବନ ବିଭାଗକୁ ଦାୟୀ କରିଥିଲେ। ସ୍ୱଷ୍ଟ ଦିବାଲୋକରେ ୨୦ରୁ ୨୫ ଟ୍ରକ କାଠ ଚାଲାଣ ହେଉଥିବାବେଳେ ରେଞ୍ଜର କେଉଁ କାରଣରୁ ପଦକ୍ଷେପ ଗ୍ରହଣ କରିଲେ ନାହିଁ ବୋଲି ବିଜେଡି ପ୍ରଶ୍ନ କରିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେବାକୁ ଦାବି କରିଛି । ଉକ୍ତ ଜଙ୍ଗଲରୁ କିଏ କିଏ କାଠ କିଣି ନେଇଛନ୍ତି ତାହା ମଧ୍ୟ ତଦନ୍ତ କଲେ କର୍ପୋରେସନ୍‌କୁ କାଠ ଫେରି ଆସିପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ସଠିକ ତଦନ୍ତ କରି କାଠ ଚାଲାଣରେ ସମ୍ପୃକ୍ତ ରେଞ୍ଜର, ବ୍ୟବସାୟୀଙ୍କ ଉପରେ ପଦକ୍ଷେପ ଗ୍ରହଣ କରିବା ସହ ଚାଲାଣ ହୋଇଥିବା କାଠ ତୁରନ୍ତ ଜବତ କରିବାକୁ ବିଜେଡି ଦାବି କରିଛି। ତେବେ ତୁରନ୍ତ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ବିଜେଡି ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଉମରକୋଟ ପୂର୍ବତନ ବିଧାୟକ ସୁବାଷ ଗଣ୍ଡ କହିଛନ୍ତି।

# ଭବିଷ୍ୟତର କର୍ମପନ୍ଥା ଏବେଠୁ ଆରମ୍ଭ କରିବାକୁ ପରାମର୍ଶ

### ଜିଲାସ୍ତରୀୟ ସର୍ଗି ଫୁଲ

ପାପଡ଼ାହାଣ୍ଡି,୧୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ତଥା ସର୍ଗିଫୁଲ କମିଟି ଅଧ୍ୟକ୍ଷ ପାଲକା ରବୀନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ସମସ୍ତେ ଜନ୍ମ ମାଟିକୁ ଛାଡିବା ନାହିଁ, ଯେଉଁ ମାଟି ମୋତେ ସଭ୍ୟତା, ସଂସ୍କୃତି ସଂସ୍କାର ଦେଇଛି ତାକୁ ଭୁଲିବା ନାହିଁ। ସମସ୍ତେ ନିଜ ଜ୍ଞାନକୁ ବଢ଼ାଇବାକୁ ଚେଷ୍ଟା କର। ଭବିଷ୍ୟତର କର୍ମ ପନ୍ଥା ଏବେଠୁ ଆରମ୍ଭ କର। ଦକ୍ଷତା ଭିତ୍ତିକ ତାଲିମ ଶିକ୍ଷା ଗ୍ରହଣ କରି ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

ରୋହିତ ବର୍ମା, ଡିଇଓ ପ୍ରଦୀପ କୁମାର ନାଗ, କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧୀଶ କମଳାକାନ୍ତ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଜିଲାପାଳ ବିଜ୍ଞାନ ମେଳା ଉଦଘାଟନ କରିବା ସହ ପ୍ରକଳ୍ପ ବୁଲି ଦେଖିଥିଲେ। ଜିଲାର ୯୬ ଆଦିବାସୀ ବିଦ୍ୟାଳୟରୁ ୩ହଜାର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଭଲିବଲ, କୁଇଜ, ଏକକ ନୃତ୍ୟ, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ ପ୍ରଥମେ ଦିନରେ ଅନୁଷ୍ଠିତ ହୋଇଥିଲା। ଅତ୍ୟାଧୁନିକ ଚିନ୍ତାଧାରାରେ ପିଲାମାନେ ପରିବେଶ ସନ୍ତୁଳନ, ବାୟୁ ପ୍ରଦୂଷଣ ରୋକିବା ଏବଂ ଜଳବାୟୁର ଚିନ୍ତାଧାରାରେ ପ୍ରୋଜେକ୍ଟ ଅଣାଯାଇଥିଲା। ଜିଲା ମଙ୍ଗଳ ବିଭାଗର ସମସ୍ତ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ବିଡିଓ ଦୁର୍ଯ୍ୟୋଧନ ଭୋଇ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଶିକ୍ଷାନୁଷ୍ଠାନ ଏକ ଦେବାଳୟ, ଶିକ୍ଷକମାନେ ପୂଜକ




ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଶ୍ରୀଶ୍ରୀ ବିଦ୍ୟା ମନ୍ଦିରର ୭ମ ବାର୍ଷିକ ଉତ୍ସବ

କୋଷାଗୁମୁଡ଼ା, ୧୫।୧୧(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ାସ୍ଥିତ ଶ୍ରୀ ଶ୍ରୀ ବିଦ୍ୟା ମନ୍ଦିରର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ମୁଖ୍ୟ ଅତିଥି, ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚୌଧୁରୀ ମୁଖ୍ୟବକ୍ତା, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅଭିନେତା ପ୍ରକାଶ ମହାନ୍ତି, ଜିଲା ଭାଜପା ସମ୍ପାଦକ କୁଞ୍ଜ ବିହାରୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର ପ୍ରଭାକର ରାଓ, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ,ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବକ୍ସି, ସଞ୍ଜୟ ପଟ୍ଟନାୟକ, ବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରିନ୍ସିପାଲ ମନୋଜ କୁମାର ଅଭିଭାଷଣ ଦେଇଥିଲେ। ଶିକ୍ଷାନୁଷ୍ଠାନ ଏକ ଦେବାଳୟ। ଯେଉଁଠାରେ କୁନିକୁନି ଛାତ୍ରୀଛାତ୍ର ଦେବତା ଓ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ପୂଜକ ବୋଲି ଅତିଥିମାନେ କହିଥିଲେ | ଉପାନ୍ତ ଅଞ୍ଚଳରେ ଶ୍ରୀ ଶ୍ରୀ ବିଦ୍ୟା ମନ୍ଦିରର ଶିକ୍ଷା ଅତୁଳନୀୟ ବୋଲି ଅତିଥି ମତ ପ୍ରକାଶ କରିଛନ୍ତି। ଏହି ଅସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ତେନ୍ତୁଲିଖୁଣ୍ଟି, ୧୫।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଖାତିଗୁଡା ଗ୍ରାମର ଟଙ୍କଧର ଦଳେଇ। ସୂଚନାନୁଯାୟୀ, ଟଙ୍କଧର କାଳିପୂଜା ଉପଲକ୍ଷେ ହେଉଥିବା ନାଟକ ଦେଖିବାକୁ ମଙ୍ଗଳବାର ରାତିରେ ଯାଇଥିଲେ। ସେ ରାତିରେ ଫେରି ନ ଥିବାବେଳେ ବୁଧବାର ସକାଳ ୬ଟାରେ ସ୍ଥାନୀୟ ଲୋକେ ରାସ୍ତା କଡ଼ରେ ଟଙ୍କଧରଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏହାପରେ ଲୋକମାନେ ଟଙ୍କଧରଙ୍କ ମୃତଦେହ ଚିହ୍ନଟ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଖାତିଗୁଡା ଥାନାରେ ଟଙ୍କଧରଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା, ଏସ୍‌ଡିପିଓ ଆଦିତ୍ୟ ସେନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଭବାନୀପାଟଣାର ଡଗ ସ୍କ୍ୱାଡ ସହ ତେନ୍ତୁଲିଖୁଣ୍ଟି ଆଇଆଇସି ଅଭିମନ୍ୟୁ ଦୁର୍ଗା, ଖାତିଗୁଡା ଆଇଆଇସି ହରିସ ଗଲୋରୀ ଘଟଣାର ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ କେସ୍ ନଂ.୧୦୭/୨୩ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଜୟ ଜଗନ୍ନାଥ, ଆଇ ଲଭ ଉମରକୋଟ ସେଲଫି ପଏଣ୍ଟ ଉଦ୍‌ଘାଟିତ

ଉମରକୋଟ, ୧୫।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରବାସୀଙ୍କ ବହୁ ପ୍ରତୀକ୍ଷିତ ଜୟ ଜଗନ୍ନାଥ ବୋର୍ଡ ଓ ଆଇ ଲଭ୍ ଉମରକୋଟ ସେଲଫି ପଏଣ୍ଟ ସହ ଅନ୍ୟ ୨ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଉମରକୋଟ ସହର ୩ ନମ୍ବର ୱାର୍ଡ଼ରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟରେ ତିଆରି କରାଯାଇଥିବା ଜୟ ଜଗନ୍ନାଥ ବୋର୍ଡ ଓ ପରେ ନୂଆ ବସଷ୍ଟାଣ୍ଡ ପରିସରରେ ଉଠା ଦୋକାନୀଙ୍କ ପାଇଁ ନିର୍ମାଣ ହୋଇଥିବା ୧୩ ଷ୍ଟଲ ଉଦ୍‌ଘାଟନ କରାଯାଇଛି। ପରେ ୧୪ ନମ୍ବର ୱାର୍ଡରେ ମୁକ୍ତା ଯୋଜନାରେ ରୂପାନ୍ତରିତ ହୋଇଥିବା ବିଜୁ ଶିଶୁ ପାର୍କ ଓ ଡିଏନ୍‌କେଠାରେ କରାଯାଇଥିବା ଆଇ ଲଭ ଉମରକୋଟ ସେଲଫି ପଏଣ୍ଟ ଉଦ୍‌ଘାଟନ କରାଯାଇଥିଲା। ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଯୋଗ ଦେଇଥିଲେ। ଲୋକଙ୍କ ପାଇଁ ଅନେକ ଯୋଜନାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି, ସେଗୁଡିକ ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପୌରାଧ୍ୟକ୍ଷା ରାଧା ଭତ୍ରା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ପୂର୍ବତନ ଚେୟାରମ୍ୟାନ ଝାଡେଶ୍ୱର ମହାନ୍ତି, କୈଳାସ ନାୟକ, ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାନ୍ତି, ସମସ୍ତ କାଉନସିଲର, ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ଅବସରରେ ଏମ୍‌ପି, ଜିଲାପାଳ, ବିଧାୟକ ଓ ପୌରାଧ୍ୟକ୍ଷଙ୍କ ସହ ଉପସ୍ଥିତ ଅନ୍ୟମାନେ।

### ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୧୫।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲା ସଦର ମହକୁମା ଚିକିତ୍ସାଳୟର କର୍ମଚାରୀଙ୍କୁ ନେଇ ଏକ ଆଇନ ସଚେତନତା ଶିବିର କରାଯାଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିଯାତନା (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ଜନକ ରାଉତ ମୁଖ୍ୟ ଅତିଥିଭାବେ ମଞ୍ଚାସୀନ ଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ବିଷୟରେ ଥିବା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କାହ୍ନୁଚରଣ ପାତ୍ର, ଡକ୍ଟର ନବକିଶୋର ବେହେରା, ଡକ୍ଟର ମଳୟ କୁମାର ତ୍ରିପାଠୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୁରୁଷୋତ୍ତମ ଭୋଇ, ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ତପନ ସିଂହ, ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।




ଶିବିରରେ ଉପସ୍ଥିତ ଡି,ଲ୍‌ଏସ୍‌ଏ ସଦସ୍ୟଙ୍କ ସହ ଅନ୍ୟମାନେ।

# ଜିଲାସ୍ତରୀୟ ଅଣପାରମ୍ପରିକ କ୍ରୀଡା ଅନୁଷ୍ଠିତ

ମାଲକାନଗିରି,୧୫।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରଶାସନ, ଆକ୍ସନ-ଏଡ୍ ଓ ୟୁନିସେଫର ମିଳିତ ଆନୁକୁଲ୍ୟରେ ଡିଏନକେ ଖେଳ ପଡିଆରେ କିଶୋରୀ ବାଳିକାମାନଙ୍କୁ ନେଇ ଏକ ଅଣ ପାରମ୍ପରିକ କ୍ରୀଡା ଆଦ୍ୱିକା କପ୍ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି କିଶୋରୀ ବାଳିକା ଦଳ ସରକାରୀ ପଲିଟେକନିକ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ, ଏମ୍‌ଭି ୭ ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାୟ ୭୦ ଜଣ କିଶୋରୀ ବାଳିକା ଫୁଟବଲ ଖେଳରେ ଅଂଶଗ୍ରହଣ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ସମାଜରେ ଲିଙ୍ଗଗତ ସମାନତା ରକ୍ଷା କରିବା ଏବଂ ଖେଳ ମାଧ୍ୟମରେ କିଶୋରୀ ନେତୃତ୍ୱର ବିକାଶ କରିବା। ଏଥିପାଇଁ ଅଣପାରମ୍ପରିକ କ୍ରୀଡା ଏକ ମାଧ୍ୟମ । କିଶୋରୀମାନଙ୍କୁ ନେଇ ଥିବା ଭ୍ରାନ୍ତ ଧାରଣାକୁ ଦୂର କରି ଝିଅ ପୁଅଙ୍କ ଭିତରେ ଭେଦଭାବ ନ କରି ଝିଅଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେବା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ଅଧିକାରୀ ସଂଯୁକ୍ତା ପ୍ରଧାନ ଖେଳ ମାଧ୍ୟମରେ କିପରି ଶିଶୁ ସୁରକ୍ଷା ହୋଇ ପାରିବ ବୋଲି କହିଥିଲେ । ଜିଲା ସମାଜ କଲ୍ୟାଣ ଅଧିକାରୀ, ଜଲା ସାମାଜିକ ସୁର କ୍ଷା ଅଧିକାରୀ, ଜିଲା ଶ୍ରମ ଅଧିକାରୀ, ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ କିଶୋରୀ ନେତୃତ୍ୱ ଉପରେ କହିଥିଲେ। ଆକ୍ସନ-ଏଡର ଜିଲା ସଂଯୋଜକ ଦଳପତି ନାୟକ ଖେଳକୁ ସଂଯୋଜନା କରିଥିବା ବେଳେ ଇନ୍ଦିରା ପ୍ରଧାନ, ହିମାଂଶୁ ଖରା ପ୍ରମୁଖ ସହଯାଗ କରିଥିଲେ। କ୍ରୀଡାରେ ବିଜୟୀ ଦଳକୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।




ଖେଳାଳିଙ୍କ ସହ ଅତିଥି ।

# ବିର୍ସା ମୁଣ୍ଡା ଜୟନ୍ତୀରେ ବ୍ଲକ କାର୍ଯ୍ୟାଳୟ ଘେରାଉ



ଆଦିବାସୀ ସମ୍ପ୍ରଦାୟ ଲୋକେ ପାରମ୍ପରିକ ବେଶଭୂଷାରେ ଶୋଭାଯାତ୍ରାରେ ଯାଉଛନ୍ତି।

ଉମରକୋଟ, ୧୫।୧୧ (ସନ୍ତୋଷ ଶତପଥୀ)

